# Akashvani, Sambalpur

## SAMBALPURI NEWS BULLETIN

### 30 March 2025- 6.47- 6.52 am.

**********************************************

ମନ୍ କି ବାତ୍        ଆର୍ଏନ୍ୟୁ/ କଟକ୍

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ଦିନର୍ ୧୧ ବଜେ ଆକାଶ୍ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍କର୍ ସାଙ୍ଗେ ବିଚାର୍ ବିନିମୟ କର୍ବେ । ଇଟା ତାଙ୍କର୍ ଶହେ ୨୦ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍ବାଣୀ ଆଉ ଦୂର୍ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍ଥି ପ୍ରସାରଣ୍ କରାଯିବା । ଆକାଶ୍ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍ରୁ ଆଂଚଳିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ରାତିର୍ ୮

ବଜେ ଆଂଚଲିକ୍ ଭାଷାନ୍ତରଣ୍ର ଫେର୍ଘାଏ ପ୍ରସାରଣ୍ କରାଯିବା ।

ଅନ୍ତ୍ୟୋଦୟ ଗୃହ ଯୋଜ୍ନା          କଲାହାଣ୍ଡି ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ କଲାହାଣ୍ଡି ଜିଲ୍ଲା ନ ଅନ୍ତ୍ୟୋଦୟ ଗୃହ ଯୋଜ୍ନାର୍ ଶୁଭାରମ୍ଭ କର୍ବେ । ଭବାନୀପାଟ୍ନା ରିଷିଗାଁ କ୍ରୀଷ୍ଟାନଗର୍ ପଡ଼ିଆଠାନେ ହେବାର୍କେ ଥିବାର୍ ସମାରୋହଥି ମୁଖ୍ୟମନ୍ତ୍ରୀ- ଯୋଜ୍ନାର୍ ପହେଲା ଖେପେ ରାଜ୍ୟର୍ ୫୦ ହଜାର୍ନୁ ଅଏତ୍କା ହିତାଧିକାରୀଙ୍କୁ କାର୍ଯ୍ୟାଦେଶ୍ ସାହାଜ୍ ବାଂଟ୍ବେ ।  ଇତାର୍ସହେତେ ଜିଲ୍ଲା ନ ୬ ଶହ କୋଟି ଟଙ୍କାର୍ ଭିନ୍ ଭିନ୍ ପ୍ରକଳ୍ପର୍ ଉଦ୍ଘାଟନ୍ ଆର୍ ଶିଳାନ୍ୟାସ୍ କର୍ବାର୍ କାର୍ଯ୍ୟକ୍ରମ୍ ରହିଛେ । ଇନ ଜନେଇ ଦିଆଯାଇପାରେ ଯେ, ଆଏବା ୩ ବଛର୍ ଭିତ୍ରେ ଅନ୍ତ୍ୟୋଦୟ ଗୃହ ଯୋଜ୍ନାଥି ୭ ହଜାର୍ ୫ ଶହ ୫୦ କୋଟି ଟଙ୍କା ଖର୍ଚ୍ଚା କରାଯାଇକରି ଗରିବ୍ ଆର୍ ପ୍ରାକୃତିକ ବିପର୍ଯ୍ୟୟ କି ଭିନ୍ ଭିନ୍ କାରଣ୍ନୁ ଘର୍ ହରେଇଥିବା ଲୁକ୍କୁ ଇଥି ଅଗ୍ରାଧିକାର୍ ଦିଆଯିବା ।

ମୁଖ୍ୟମନ୍ତ୍ରୀ-ବିଧାନ୍ସଭା          ଆର୍ଏନ୍ୟୁ/ ସମ୍ବଲପୁର

ଆଏବା ୫ ବଛର୍ ଭିତ୍‌ରେ ଓଡ଼ିଶା ପୂର୍ବ ଭାରତ୍‌ର ଶିଳ୍ପ ରାଜ୍‌ଧାନୀ ହେବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ବିଧାନ୍‌ସଭା ନ ବ୍ୟୟମଞ୍ଜୁରୀ ବିଲ୍ ବାବ୍‌ଦେ ଉତର୍ ରଖିକରି ମୂଖ୍ୟମନ୍ତ୍ରୀ କହିଛନ୍, ୨୦୩୬ ତକ୍ ସମୃଦ୍ଧ ଓଡ଼ିଶା ଗଠନ୍ କର୍‌ବାର୍ ଲକ୍ଷ୍ୟଥି ତାଙ୍କର୍ ସର୍‌କାର୍ ଇ ବଜେଟ୍ ଆନିଛନ୍ । ବୁର୍ଲା, ବ୍ରହ୍ମପୁର୍ ଆର୍ କେନ୍ଦୁଝର୍ ନ ଡେଂଟାଲ୍ କଲେଜ୍, ରାଇରଙ୍ଗ୍‌ପୁର୍ ନ ଆୟୁର୍ବେଦ୍ କଲେଜ୍, ଆଉ ଭିନ୍ ଭିନ୍ ଜିଲ୍ଲା ନ ମେଡ଼ିକାଲ୍ କଲେଜ୍ ଥପ୍‌ନା କର୍‌ବାର୍‌କେ ରାଜ୍ୟ ସର୍‌କାର୍ ଲକ୍ଷ୍ୟ ରଖିଛନ୍ । ଆଏବା ୫ ବଛର୍ ଭିତ୍‌ରେ ୧୫ ଲାଖ୍ ହେକ୍ଟର୍ ଜମିକେ ଜଲ୍‌ସେଚନ୍ କର୍‌ବାର୍ ଲକ୍ଷ୍ୟ ରଖାଯାଇଛେ । ନୂଆଁ ସର୍‌କାର୍ ୮ ଟା ନିଯୁକ୍ତି ମେଳାଥି ୨୬ ହଜାର୍ ସର୍‌କାରୀ ନିଯୁକ୍ତି ଦେଇସାରିଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି I&PR

ଆଏବା କାଏଲ୍ ସର୍‌କାରୀ ଛୁଟି ଥିବାର୍‌ନୁ ଭୁବ୍‌ନେଶ୍ୱର୍ ଠାନେ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ ଶୁଣାଣି ବନ୍ଦ ରହେବା । ଆଏବା

ଶୁଣାଣି ତାରିଖ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ଜନେଇ ଦିଆଯିବା ବଲି ସାଧାରଣ ପ୍ରଶାସନ ଆଉ ସାଧାରଣ ଅଭିଯୋଗ ବିଭାଗ୍ ତରଫୁ ସୂଚ୍‌ନା ଦିଆଯାଇଛେ ।

ମୁଖ୍ୟ ଶାସନ୍ ସଚିବ- ଖରା ପ୍ରସ୍ତୁତି I&PR

ରାଏଜେ ଖରାର୍ ମୁକାବିଲା ଆଉ ପ୍ରସ୍ତୁତି ବାବ୍‌ଦେ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜା ସମୀକ୍ଷା କରିଛନ୍ । ବଢ଼୍‌ତି ଖରାକେ ନେଇକରି ଜିଲ୍ଲାପାଲ୍‌ମାନେ କେନ୍ ହିସାବେ ପ୍ରସ୍ତୁତି ଚଲେଇଛନ୍, ସେ ହିସାବେ ଜିଲ୍ଲାପାଲ୍‌ମାନ୍‌କର୍ ସାଙ୍ଗେ ଆଭାସୀ ଜରିଏ ଆଲୋଚନା କରିଛନ୍ । ଖରା ସମିଆଥି ପାନିର୍ ମହଜୁଦ୍ ଉପ୍‌ରେ ଫି’ ଦିନ୍ ଟିକ୍‌ନିକ୍ ଖବର୍ ରଖ୍‌ବାର୍ ସହେତେ ଖରାର୍ ମୁକାବିଲା ବାବଦ୍ ମାର୍ଗଦର୍ଶିକା ପାଲନ୍ କରିକରି ସଚେତନତା କାର୍ଯ୍ୟକ୍ରମ୍‌କେ ବ୍ୟାପକ୍ କର୍‌ବାର୍ ଲାଗି ଇ ଅବ୍‌ସରେ ଶ୍ରୀ ଆହୁଜା ଜିଲ୍ଲାପାଲ୍‌ମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ଏସ୍‌ଟିଏ I&PR/ଆର୍‌ଏନ୍‌ୟୁ/ ସମ୍ବଲପୁର

ଖରାର୍ ମୁକାବିଲା ଲାଗି ରାଜ୍ୟ ପରିବହନ୍ ପ୍ରାଧିକରଣ୍-ଏସ୍‌ଟିଏ ତରଫୁ ସବୁ ବସ୍ ମାନ୍‌କର୍ ଲାଗି ନିର୍ଦ୍ଦେଶ୍‌ନାମା ବାହାରିଛେ । ନିର୍ଦ୍ଦେଶ୍‌ନାମା ଅନ୍‌ସାରେ ଖରା ସମିଆଁଥି ଯାତ୍ରୀମାନ୍‌କର୍ ସୁରକ୍ଷିତ୍ ଯାତ୍ରାକେ ସୁନିଶ୍ଚିତ୍ କର୍‌ବାର୍ ଲାଗି ସବୁ ବସ୍‌ଥି ସଫା ପିଇବାର୍ ପାଏନ୍ ମହଜୁଦ୍ ରଖାଯିବା, ବରଫ୍ ପେକେଟ୍, ପ୍ରାଥମିକ  ଚିକିତ୍ସା କିଟ୍ ଆଉ ଓଆର୍‌ଏସ୍ ମହଜୁଦ୍ ରଖାଯିବାର୍‌ଟା ଜରୁରୀ ଆଏ । ଇତାର୍‌ସହେତେ ରାଜ୍‌ପଥ୍ ମାନ୍‌କେ ଜଳ କିଓସ୍କ ମାନ୍ ଥାପ୍‌ନା କରାଯିବା । ଗାଡ଼ିମାନ୍‌କେ ବେଶୀ ଭିଡ଼୍ ନାଇଁ କର୍‌ବାର୍‌କେ ଭିଲ୍ ଏସ୍‌ଟିଏ ତରଫୁ ପରାମର୍ଶ ଦିଆଯାଇଛେ ।

ଓଡ଼ିଶା ଦିବସ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଆ ଅସ୍ମିତାର୍ ପ୍ରଚାର୍ ପ୍ରସାର୍ ଲାଗି ଇ ବଛର୍ ଓଡ଼ିଶା ଦିବସ୍ ନୂଆଦିଲ୍ଲୀ ଠାନେ ଭିଲ୍ ବଡ଼ ଆକାରେ ପାଳନ୍ କରାଯିବା । ଜବାହାର୍‌ଲାଲ୍ ନେହେରୁ ଇନ୍‌ଡୋର୍ ଷ୍ଟାଡ଼ିୟମ୍ ଅଡ଼ିଟୋରିୟମ୍ ଠାନେ ହେବାର୍‌କେ ଥିବାର୍ ସମାରୋହଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ସଂସ୍କୃତି ଆଉ ପର୍ଯ୍ୟଟନ୍ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାଓ୍ୱତ୍, ଆଦିବାସୀ

ବ୍ୟାପାର୍ ମନ୍ତ୍ରୀ ଜୁଏଲ୍ ଓରାମ୍, ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା, ପ୍ରଧାନ୍‌ମନ୍ତ୍ରୀଙ୍କର୍ ପ୍ରମୁଖ ସଚିବ ପି.କେ. ମିଶ୍ରଙ୍କର୍ ସହେତେ ବହୁତ୍‌ଟେ ସିଆନ୍ ସୁଜନ୍ ଯୋଗ୍ ଦେବେ । ଇ ବାବ୍‌ଦେ ନୂଆଦିଲ୍ଲୀ ଓଡ଼ିଶା ଭବନ୍‌ର ପ୍ରମୁଖ ଆବାସିକ କମିଶନର୍ ବିଶାଲ୍ ଗଗନ୍ ସାମ୍ବାଦିକ୍ ସମ୍ମିଳନୀ ଜରିଏ ସୂଚ୍‌ନା ଦେଇଛନ୍ ।

ଏନ୍‌ସିସି କେଡ଼େଟ୍ ସଂଖ୍ୟା I&PR

ଏନ୍‌ସିସି କେଡ଼େଟ୍ ମାନ୍‌କର୍ ସଂଖ୍ୟା ୬୩ ହଜାର୍‌ନୁ ୯୦ ହଜାର୍‌କେ ବଢ଼ାବାର୍‌କେ ରାଜ୍ୟ ସର୍‌କାର୍ ନିଷ୍ପତି ନେଇଛନ୍ । ଇ ବାବଦ୍ ପ୍ରସ୍ତାବ୍‌କେ ରାଜ୍ୟ ସର୍‌କାର୍ ଅନୁମୋଦନ୍ କରିକରି କେନ୍ଦ୍ରର୍ ଅନୁମୋଦନ୍ ଲାଗି ପଠେଇଛନ୍ ବଲି ଗଲାକାଏଲ୍ ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜାଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଗୁଟେ ବୈଠକ୍ ଉତ୍‌ରୁ ଜନାପଡ଼ିଛେ । ଏନ୍‌ସିସି ପ୍ରଶିକ୍ଷାର୍ଥୀମାନ୍‌କୁ ବିମାନ୍ ଉଡ଼ାବାର୍ ତାଲିମ୍ ଦେବାର୍‌କେ ଝାର୍‌ସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନ୍ ବନ୍ଦର୍ ନ ଗୁଟେ ହେଙ୍ଗର୍ ଥାପ୍‌ନାର୍ ଲାଗି ଚୁକ୍ତିନାମା ବାବ୍‌ଦେ ଆଲୋଚନା ହେଇଥିଲା । ସେନ୍ତା ଝାର୍‌ସୁଗୁଡ଼ା ନ ଏନ୍‌ସିସି କେଡ଼େଟ୍ ମାନ୍‌କର୍ ତାଲିମ୍ ଲାଗି

ରହିଥିବା ଅସ୍ତ୍ରଶସ୍ତ୍ର ସୁରକ୍ଷାର୍ ଲାଗି ଜିଲ୍ଲା ପୁଲିସ୍ ଅଧିକାରୀଙ୍କୁ ଚିଠି ଲେଖିବାର୍‌କେ ଇ ଅବ୍‌ସରେ ମୁଖ୍ୟ ଶାସନ୍ ସଚିବ ନିର୍ଦ୍ଦେଶ୍ ଦେଇଛନ୍ ।

ଅନ୍ତର୍ଜାତୀୟ ସମବାୟ ବର୍ଷ ପାଳନ୍ ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲାପାଳ୍‌ଙ୍କର୍ ସମ୍ମିଳନୀ କକ୍ଷ ଠାନେ ଅନ୍ତର୍ଜାତୀୟ ସମବାୟ ବର୍ଷ ପାଳନ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ସମବାୟ ସମିତି ସମୂହର୍ ଉପନିବନ୍ଧକ୍ ମୋନିକା ରାୟଙ୍କର୍ ତତ୍ତ୍ୱାବଧାନ୍ ଆଉ ଜିଲ୍ଲାପାଳ୍ କବୀନ୍ଦ୍ର କୁମାର୍ ସାହୁଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ଜିଲ୍ଲା ନ ସମବାୟ କ୍ଷେତ୍ରଥି ଅଗ୍ରଗତି ଲାଗି ନିଆଯାଇଥିବା ଭିନ୍ ଭିନ୍ ପଦକ୍ଷେପ୍ ଉପ୍‌ରେ ଆଲୋଚନା କରାଯାଇଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ପଶ୍ଚିମ ଆର୍ ଭିତ୍‌ରିଆ ଜିଲ୍ଲାମାନ୍‌କେ ଆଏଜ୍ ଆର୍ ଆଏବାକାଏଲ୍ ଜବର୍ ଖରା ଜାରି ରହେବା । ଆଏଜ୍ ସମ୍ବଲ୍‌ପୁର୍, ଝାରସୁଗୁଡ଼ା, ସୁବର୍ଣ୍ଣପୁର୍, ବୌଦ୍ଧ ଆର୍ ଅନୁଗୁଳ୍

ଜିଲ୍ଲା ନ ଗ୍ରୀଷ୍ମ ଲହରୀ ସହେତେ ତାତି ୪୩ ଡିଗ୍ରୀ ଉପ୍‌ରେ ରହେବା । ସେନ୍ତା  ସମୁଦ୍ରଖଁଡ଼ି ଜିଲ୍ଲାମାନ୍‌କେ ଭିଲ୍ ତାତି ୪୦ ଡିଗ୍ରୀ ଉପ୍‌ରେ ରହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଅନୁମାନ୍ କରିଛେ । ସମ୍ବଲ୍‌ପୁର୍ ନ ଗଲାକାଏଲ୍ ରାଜ୍ୟର୍ ସବୁନୁ ଜହ ତାତି ୪୨ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ ।